Largest Circulated Odia Daily

SAMBAD
ସମ୍ବାଦ
ସର୍ବାଧିକ ପ୍ରସାରିତ ଓଡିଆ ଦୈନିକ




| ଏକ ସଙ୍ଗେ ପ୍ରକାଶିତ ଓ ପ୍ରସାରିତ | ଅନୁଗୁଳ | ବାଲେଶ୍ୱର | ଭୁବନେଶ୍ୱର | କଟକ | ବ୍ରହ୍ମପୁର | ଜୟପୁର | ରାଉରକେଲା | ସମ୍ବଲପୁର |
|---|---|---|---|---|---|---|---|---|

ଭଦୋଦରା ଦିନିକିଆ ମ୍ୟାଚ୍ ଭାରତ ୫ ୱିକେଟରେ ଜିତିଲା, ପଠାନ ମ୍ୟାନ ଅଫଦି ମ୍ୟାଚ, ଧୋନି ମ୍ୟାନ ଅଫ ଦି

ତାରିଖ : ୧୧/୧୨/୨୦୦୫


- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ


ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୧୭.୭ | ୨୯.୫ |
| କଟକ | ୧୬.୫ | ୩୦.୪ |
| ବାଲେଶ୍ୱର | ୧୭.୬ | ୩୦.୪ |
| ଗୋପାଳପୁର | ୧୮.୩ | ୩୦.୫ |
| ଝାରସୁଗୁଡ଼ା | ୧୪.୩ | ୨୯.୬ |

ବିତର୍କ/ମତାମତ ସଂଗ୍ରହ

ଏବିଭିପି ସମାବେଶକୁ ପରୋକ୍ଷରେ ନବୀନଙ୍କ ପ୍ରତି ବିଜେପିର ଆହ୍ୱାନ ବିବେଚନା କରିବା କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- ଓଡିଶାରେ ଜାତୀୟ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ନେଇ ପ୍ରଧାନମନ୍ତ୍ରୀଙ୍କୁ ପୁଣି ମୁଖ୍ୟମନ୍ତ୍ରୀଙ୍କ ଚିଠି, ହାଇର୍କୋଟଙ୍କ ରହିତାଦେଶ ପରେ ସରକାର ଚେତିଲେ

ଭୁବନେଶ୍ୱର,(ଇମିସ): କୋଲକାତାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପନ ନେଇ ମାନ୍ୟବର ହାଇର୍କୋଟ ରହିତାଦେଶ ଦେବା ପରେ ଏବେ ରାଜ୍ୟ ସରକାରଙ୍କ ଚେତା ଫେରିଛି। ସବୁବର୍ଗରେ ଏହି ଘଟଣାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଉଥିବାର ଦେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଗତକାଲି ଏକ ପତ୍ର ଲେଖିଛନ୍ତି। ଏନ୍‌ଡିଏ ସରକାରଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ଭୁବନେଶ୍ୱରଠାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପନ ପାଇଁ ସେ ଏହି ପତ୍ର ଜରିଆରେ କେନ୍ଦ୍ର ସରକାରଙ୍କଠାରେ ତାଙ୍କର ଦାବି ଦୋହରାଇଛନ୍ତି। ଏହି ପ୍ରସଙ୍ଗକୁ ନେଇ ଓଡ଼ିଶାବାସୀଙ୍କ ମଧ୍ୟରେ ବ୍ୟାପକ ପ୍ରତିକ୍ରିୟା ସୃଷ୍ଟି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଚିଠିରେ ଉଲ୍ଲେଖ କରିଛନ୍ତି।

ବିଶ୍ୱବିଦ୍ୟାଳୟ ମଂଜୁରୀ କମିଶନ (ୟୁଜିସି)ର ଅଧ୍ୟକ୍ଷ ଗତ ୨୦୦୩ ଜୁଲାଇରେ ଏହା ଓଡ଼ିଶାରେ ପ୍ରତିଷ୍ଠା କରାଯାଉଥିବା ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ଏଥିପାଇଁ ସ୍ଥାନ ନିରୂପଣ କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇଛି। ଏ ପରିସ୍ଥିତିରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନକୁ କୋଲକାତାକୁ ସ୍ଥାନାନ୍ତର କରାଯିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ପଟ୍ଟନାୟକ ଚିଠିରେ ଉଲ୍ଲେଖ କରିଛନ୍ତି। କେବଳ ସେତିକି ନୁହେଁ, ଏହି ପ୍ରତିଷ୍ଠାନକୁ ଭୁବନେଶ୍ୱରରୁ କୋଲକାତାକୁ ସ୍ଥାନାନ୍ତର ନ କରିବା ପାଇଁ ଓଡ଼ିଶା ହାଇର୍କୋଟରେ ମଧ୍ୟ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ଦାଏର ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଦର୍ଶାଇଛନ୍ତି। ପୂର୍ବରୁ ଗତ ଅଗଷ୍ଟ ୨୩ ଓ ସେପ୍‌ଟେମ୍ବର ୨୯ ତାରିଖରେ ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଓଡ଼ିଶାରେ ଆଇଆଇଟି, ଆଇଆଇଏମ୍, ଆଇଆଇଆଇଟି ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭଳି ଜାତୀୟ ବୈଷୟିକ ଅନୁଷ୍ଠାନ ନ ଥିବାରୁ ରାଜ୍ୟରୁ ଏହି ପ୍ରକଳ୍ପ ଅନ୍ୟତ୍ର ସ୍ଥାନାନ୍ତର ନ କରିବା ଲାଗି ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ। ମାତ୍ର ଏହାର କୌଣସି ପ୍ରଭାବ କେନ୍ଦ୍ର ସରକାରଙ୍କ ଉପରେ ପଡିନଥିଲା। ବରଂ ଗତ ସେପ୍‌ଟେମ୍ବର ୨୮ ତାରିଖ ଦିନ ପ୍ରଧାନମନ୍ତ୍ରୀ ଡ.ମନମୋହନ ସିଂହ ପୁନେ ଓ କୋଲକାତାଠାରେ ଯଥାକ୍ରମେ ଦୁଇଟି ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ଆଇଆଇଏସଇଆର) ଖୋଲିବ ବୋଲି ଘୋଷଣା କରିଦେଲେ। ସ୍ମରଣଯୋଗ୍ୟ, ଗତ ୨୦୦୩ ଡିସେମ୍ବର ୯ ତାରିଖରେ ତତ୍କାଳୀନ ମାନବ



ଦେଖନ୍ତୁ ମାଫିଆ ଡନ୍ ଆବୁ ସାଲେମକୁ। ପ୍ଲାଷ୍ଟିକ ସର୍ଜରୀ ପରେ ଆବୁ ସାଲେମର ଚେହେରା ବଦଳି ଯାଇଛି।

ଅନ୍ୟାନ୍ୟ ଖବର


- ଆତ୍ମହତ୍ୟାର କୌଣସି ନିର୍ଦ୍ଦିଷ୍ଟ କାରଣ ନଥାଏ, ରେଭେନ୍‌ସା ମନସ୍ତତ୍ୱ ବିଭାଗରେ ଆଲୋଚନାଚକ୍ର
- ଷ୍ଟାମ୍ପ୍ ଭେଣ୍ଡର୍ ମହାସଂଘର ସାଧାରଣ ସଭା ୧୨ରେ
- ସ୍ତ୍ରୀ'କୁ ହତ୍ୟା କରି ସ୍ୱାମୀର ଆତ୍ମହତ୍ୟା
- ସଡ଼କ ଦୁର୍ଘଟଣା: ୨ ମୃତ ଜଣେ ଆହତ
- ଷ୍ଟେଟ ବ୍ୟାଙ୍କ ଜୋନାଲ କାର୍ଯ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ
- ମେଡିକାଲ୍ ସର୍ଭିସ୍ ସେଣ୍ଟର୍ର ସର୍ବଭାରତୀୟ ସମ୍ମେଳନ
- ଭୂମିହିନଙ୍କ ପାଇଁ ସରକାରଙ୍କ ଦରଦ ନାହିଁ, ଜମି ପାଇବାକୁ ୩୨ ବର୍ଷର ପ୍ରତୀକ୍ଷା
- ବୋହୂ ବିରୋଧରେ ନିର୍ଯାତିତା ଶାଶୁର ଏତଲା

ସମ୍ବଳ ବିକାଶ ମନ୍ତ୍ରୀ ମୁରଲୀ ମନୋହର ଯୋଶୀ ଭୁବନେଶ୍ୱର, ଚେନ୍ନାଇ, ପୁନେ ଓ ଆହ୍ଲାବାଦଠାରେ ଚାରିଟି ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଖୋଲାଯିବ ବୋଲି ଘୋଷଣା କରିଥିଲେ। ବିଶ୍ୱବିଦ୍ୟାଳୟ ମଂଜୁରି ଆୟୋଗ (ୟୁଜିସି) ପକ୍ଷରୁ ଏଥିନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ ସୂଚନା ଦେଇଥିଲେ। ମନ୍ତ୍ରୀଙ୍କ ଏହି ଘୋଷଣା ସଂପର୍କରେ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ପରଦିନ ଏକ ପ୍ରେସ ବିଜ୍ଞପ୍ତି ଜାରି କରିଥିଲେ। ଏହଛଡ଼ା ୟୁଜିସିର ୱେବ୍‌ସାଇଟରେ ମଧ୍ୟ ଏ ସଂକ୍ରାନ୍ତରେ ସୂଚନା ଦ ଆଯାଇଥିଲା। ବର୍ତମାନ ସୁଦ୍ଧା ଏହା ଇଣ୍ଟରନେଟରେ ରହିଛି। ବିଶ୍ୱବିଦ୍ୟାଳୟ ମଂଜୁରି କମିସନ୍ ଏହାକୁ ଭିତ୍ତିକରି ୨୦୦୩ ଜୁଲାଇ ମାସରେ ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ଏକ ପତ୍ର ଦ୍ୱାରା ଜଣାଇଥିଲେ।

ପୂର୍ବପୃଷ୍ଠା


- ଯୁବତୀଙ୍କ ସନ୍ଦେହ ଜନକ ମୃତ୍ୟୁ: ହତ୍ୟା ଅଭିଯୋଗ
- ଜୟୀରାଜଗୁରୁ ଥିଲେ ଦେଶପ୍ରେମ ଓ ତ୍ୟାଗର ପ୍ରତୀକ
- ରାଜ୍ୟରେ ପ୍ରଥମ ଥର ପାଇଁ ବ୍ରହ୍ମପୁରରେ ସାର୍ବଜନୀନ ଟିକାଦାନ
- ପଦଯାତ୍ରାରେ ଭାରତ ଭ୍ରମଣ
- ଟ୍ରକ୍ ଦୁର୍ଘଟଣାରେ ସ୍କୁଲ ଛାତ୍ରୀ ମୃତ
- ଦଲାଲଙ୍କ କବଳରେ ଚିନାବାଦାମ ଚାଷୀ


Copyright © 2001 orissasambad.com

Site Developed by : www.wayindia.com